# Odisha Legislative Assembly

()

## Questions For Oral Answer

## 01 August 2022

----

**[Chief Minister - Health and Family Welfare - Steel and Mines - Home - Parliamentary Affairs - Works and Finance ].**

**Total Question - 31**

----

### For control of Food adulteration

***503 Dr. Pradeep Kumar Panigrahy (Gopalpur):**

Will the Minister for **Health and Family Welfare** be pleased to state that:- How many duplicate company produce different food item in different district of Odisha, what is national adulteration index if different item at present, what is our State index at present and what steps are taken by which department to control food adulteration in Odisha, whether government feel more measure is necessary in this area of food adulteration ?

----

### ଥାନାକୁ କମ୍ପ୍ୟୁଟରୀକରଣ

***601 ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ଥିବା ଥାନା ଗୁଡିକ ମଧ୍ୟରୁ କେତୋଟି ଥାନାକୁ କମ୍ପ୍ୟୁଟରୀକରଣ କରାଯାଇଛି ଏବଂ କେତୋଟି ଥାନା କମ୍ପ୍ୟୁଟରୀକରଣ କରିବା ବାକିଅଛି ଏବଂ ଏଗୁଡିକୁ କେବେସୁଦ୍ଧା କମ୍ପ୍ୟୁଟରୀକରଣ କରାଯିବ ନିର୍ଦ୍ଦିଷ୍ଟ ଭାବେ କହିବେ କି ?

----

### ବିମୁଦ୍ରିକରଣର ପ୍ରଭାବ

***602 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 8th November 2016 ରେ କେନ୍ଦ୍ର ସରକାରଙ୍କର ବିମୁଦ୍ରୀକରଣ ନିଷ୍ପତ୍ତି ଯୋଗୁଁ ଓଡ଼ିଶା ଉପରେ ତାହାର କି କି ସୁ-ପ୍ରଭାବ ଓ କୁପ୍ରବାହ ପଡ଼ିଥିଲା; ସେ ସବୁର ପରିଣାମ ଏଯାଏଁ ଓଡ଼ିଶାରେ ଅନୁଭୂତିତ ହେଉଛି କି ଓ ଉତ୍ତର 'ହଁ' ହୋଇଥିଲେ ତାହାର ବିଶେଷ ତଥ୍ୟ ଦେବେ କି ?

----

## ଗ୍ରାମାଞ୍ଚଳର ରାସ୍ତା ଭିତ୍ତିଭୂମି ଉନ୍ନୟନ

***603 ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳକୁ ରାସ୍ତା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟ ସେବା ବ୍ୟାହତ

***604 ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲା ହେଡ୍ କ୍ୱାର୍ଟରସ୍ ଡାକ୍ତରଖାନାଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟ ସେବା ବ୍ୟାହତ ହେଉଥିବା ସରକାର ଉପଲବ୍ଧ କରୁଥିଲେ ମଧ୍ୟ ରାଜ୍ୟରେ ଡାକ୍ତର ଅଭାବରୁ ଡାକ୍ତରୀ ପଦବୀ ପୂରଣ କରିପାରୁ ନଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି ; ଡାକ୍ତରମାନେ Contractual Posting ପାଇଁ ଅମଙ୍ଗ ହେଉଥିବାରୁ ତାଙ୍କ ସହିତ ଆଲୋଚନା କରି ଏକ ବିକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ କରନ୍ତୁ ; ଗ୍ରାମାଞ୍ଚଳ ଡାକ୍ତରଖାନାରେ ଯେଉଁଠି ଡାକ୍ତର ନାହାନ୍ତି କି Pharmacist ନାହାନ୍ତି ଉକ୍ତ ଡାକ୍ତରଖାନାରେ ରୋଗୀ ସେବା ପାଇଁ ଜଣେ Pharmacist ଅବିଳମ୍ବେ ଦେବାର ବ୍ୟବସ୍ଥା କରନ୍ତୁ?

----

## ଇସ୍ପାତ ଉତ୍ପାଦନ

***605 ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ର ସରକାର ଦେଶରେ ୨୦୩୦ ମସିହା ସୁଦ୍ଧା ୩୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରିଛନ୍ତି, ସେଥି ମଧ୍ୟରୁ ଓଡ଼ିଶାରେ ୧୦୦ ମିଲିୟନ ଇସ୍ପାତ ଉତ୍ପାଦନ କରିବା ପାଇଁ ପ୍ରସ୍ତାବ ରହିଛି, ରାଜ୍ୟ ସରକାର ଏହିଲକ୍ଷ ହାସଲ ଦିଗରେ କି କି ପଦକ୍ଷେପ ନେଉଛନ୍ତି ?

----

## ରାତ୍ରିକାଳୀନ ଅପରାଧ ରୋକିବା

***606 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ରାତ୍ରିକାଳୀନ ଅପରାଧ ରୋକିବାକୁ ରାତ୍ରୀକାଳୀନ ଯାତାୟତ ବେଳେ ଲୋକମାନେ ପରିଚୟ ପତ୍ର ରଖିବା ବାଧ୍ୟତାମୂଳକ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର 'ହଁ' ହେଲେ, ଏ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## କେନ୍ଦ୍ର ଅନୁଦାନ କ୍ରମାଗତ ଭାବେ ହ୍ରାସ

*607 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରୀୟ ଅନୁଦାନ କ୍ରମାଗତ ଭାବରେ ବିଗତ କେତେ ବର୍ଷରୁ କମି କମି ଯାଉଛି, ବର୍ଷୱାରୀ କେତେ ହ୍ରାସ ହୋଇଅଛି ଜଣାଇବେ କି; କମୁଥିବା ଅନୁଦାନକୁ ଭରଣ କରିବା ପାଇଁ କଣ ବ୍ୟବସ୍ଥା କରାଯାଉଛି, ସେହିଭଳି ଗତ ୩ ବର୍ଷରେ ମାର୍ଚ୍ଚ ୩୧ ସୁଦ୍ଧା Matching Shareର କେଉଁ କେଉଁ ବିଭାଗର କେତେ ପହଞ୍ଚି ପାରିଲା ନାହିଁ, ଜଣାଇବେ କି; ବିଭାଗର କେତେ ଅର୍ଥ ପହଞ୍ଚି ପାରିଲା ଜଣାଇବେ କି ?

----

## ଚାରିଥାକିଆ ରାସ୍ତା ନିର୍ମାଣ

*608 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରପଦା ଠାରୁ ହରିରାଜପୁର ଛକ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା କାମର ସ୍ଥିତି କଣ, କେତେ ଅର୍ଥ ବ୍ୟୟରେ କେଉଁ କଣ୍ଟ୍ରାକ୍ଟରଙ୍କ ମାଧ୍ୟମରେ କେତେ ସମୟ ମଧ୍ୟରେ କାମ ସରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି, ଉକ୍ତ ରାସ୍ତାର ଦୂରାବସ୍ଥାକୁ ଆଖି ଆଗରେ ରଖି ମରାମତି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି, ସମସ୍ତ ବିଷୟରେ ବିବୃତି ରଖିବେ କି ?

----

## CHC ଓ PHC ମାନଙ୍କର ଭିତ୍ତିଭୂମି ଉନ୍ନତି

*609 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲୋଇସିଂହା ନିର୍ବାଚନ ମଣ୍ଡଳୀର CHC ଓ PHC ମାନଙ୍କର ଭିତ୍ତିଭୂମିର ଉନ୍ନତି ପାଇଁ ୨୦୧୫-୧୬ ରୁ ୩୦.୦୬.୨୦୨୨ ପର୍ଯ୍ୟନ୍ତ ସରକାର କେଉଁ ବାବଦରେ କେତେ ପାଣ୍ଠି ବିନିଯୋଗ କରି କେଉଁ ପ୍ରକାର ଉନ୍ନତି କରିଛନ୍ତି, CHC ଓ PHC ୱାରୀ ଏବଂ ବର୍ଷୱାରୀ ତଥ୍ୟ ଦେବେ କି, (ଖ) ଜନସାଧାରଣଙ୍କ ଦାବୀ ଅନୁସାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର CHC ଓ PHC ମାନଙ୍କର Upgradation କରିବା ପାଇଁ ପ୍ରସ୍ତାବରେ କେତେ ପାଣ୍ଠିର ବ୍ୟବସ୍ଥା କରାଯାଇଛି, ଏହି Upgradation ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧେ ତଥ୍ୟ ରଖିବେ କି ?

----

## ଢେଙ୍କାନାଳ ଜିଲ୍ଲାରେ ଗ୍ରାଫାଇଟ୍ ଖଣି ସନ୍ଧାନ

***610 ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଢ଼େଙ୍କାନାଳ ଜିଲ୍ଲାରେ ଗ୍ରାଫାଇଟ୍ ଖଣି ଥିବାର ସନ୍ଧାନ ମିଳିଛି କି; ଯଦି ମିଳିଛି ତାର ବର୍ତ୍ତମାନ ସ୍ଥିତି କଣ ?

----

## ଦମକଳ କେନ୍ଦ୍ର ସ୍ଥାପନ

***611 ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦମକଳ କେନ୍ଦ୍ର ସ୍ଥାପନ କରିବାର ନୀତି ନିୟମ କଣ ରହିଛି, ରାଜ୍ୟର କେଉଁ ବ୍ଲକରେ ଦମକଳ କେନ୍ଦ୍ର ନାହିଁ ପ୍ରକାଶ କରିବେ କି, ବଡ ଅଂଚଳକୁ ନେଇ ଗଠିତ ହୋଇଥିବା ବ୍ଲକଗୁଡିକରେ ଏକରୁ ଅଧିକ ଦମକଳ କେନ୍ଦ୍ର ସ୍ଥାପନ କରାଯାଇପାରିବ କି?

----

## ଜି.ଏସ୍.ଟି. ମୁକ୍ତ କରିବାକୁ ପଦକ୍ଷେପ

***612 ଶ୍ରୀ ଅମର ପ୍ରସାଦ ସତପଥୀ (ବଡ଼ଚଣା):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ଖାଦ୍ୟ ସାମଗ୍ରୀ ଉପରେ ଜି.ଏସ୍.ଟି ଲାଗୁ କରାଯାଇଅଛି; (ଖ) ଓଡ଼ିଶାର ଅନ୍ୟତମ ଖାଦ୍ୟ 'ମୁଢ଼ି'କୁ ଜି.ଏସ୍.ଟି. ପରିସରକୁ ଆଣିବା ପାଇଁ ନିଷ୍ପତ୍ତି ହୋଇଅଛି କି ଓ ଉତ୍ତର ହଁ ଏହି ଖାଦ୍ୟ ସାମଗ୍ରୀକୁ ଜି.ଏସ୍.ଟି. ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ରୋଡ ଓଭରବ୍ରିଜ୍ ନିର୍ମାଣ

***613 ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଳଫାଟକ ଯୋଗୁ ଯାତାୟତର ଅସୁବିଧା ହେଉଥିବା ପରିପ୍ରେକ୍ଷୀରେ କେଉଁ ଜିଲ୍ଲାରେ କେତେଗୋଟି ରେଳଫାଟକରେ ରୋଡ୍ ଓଭରବ୍ରିଜ୍ ନିର୍ମାଣର ଆବଶ୍ୟକତା ରହିଛି ଏ ସମ୍ପର୍କରେ ବିଧିବଦ୍ଧ ଭାବେ କେବେ ସର୍ଭେ ହୋଇଅଛି, ସଂପୃକ୍ତ ସର୍ଭେ ରିପୋର୍ଟ ଆଧାରରେ କେଉଁ କେଉଁ ଜିଲ୍ଲାରେ କେତେଗୋଟି ରୋଡ୍ ଓଭରବ୍ରିଜ୍ ନିର୍ମାଣର ଆବଶ୍ୟକତା ରହିଛି, ସେଥିପାଇଁ କେତେ ବ୍ୟୟ ଅଟକଳ କରାଯାଇଛି, କେଉଁ ଜଲ୍ଲାରେ କେତେଗୋଟି ରୋଡ୍ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ଭାରତୀୟ ରେଲୱେକୁ କେତେ ପ୍ରସ୍ତାବ ଦିଆଯାଇଛି, ପ୍ରସ୍ତାବର ସାମ୍ପ୍ରତିକ ସ୍ଥିତାବସ୍ଥା ସମ୍ପର୍କରେ ଅବଗତ କରିବେ କି ?

----

## ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତିକରଣ

***614 ଶ୍ରୀ ମନୋହର ରନଧାରୀ (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏହି ବିଭାଗଦ୍ୱାରା PAC.CHC, DHH ର ଉନ୍ନତିପାଇଁ କେଉଁ କାର୍ଯ୍ୟପାଇଁ କେତେଟଙ୍କା ପ୍ରଦାନ କରାଯାଇଥିଲା ଓ ଖର୍ଚ୍ଚ କରାଯାଇଅଛି ତାହାର ତାଲିକା CHC,PHC ଓ DHH wise 2015-16 ବର୍ଷ ଠାରୁ 2022 - 23 ପର୍ଯ୍ୟନ୍ତ ପ୍ରକଳ୍ପୱାରୀ ପ୍ରଦାନ କରିବେ କି ?

----

## ମହଜୁଦ ଥିବା ଖଣିଜ ପଦାର୍ଥର ବିବରଣୀ ପ୍ରଦାନ

***615 ଶ୍ରୀ ସାଲୁଗା ପ୍ରଧାନ (ଜି.ଉଦୟଗିରି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ କେଉଁ କେଉଁ ଖଣିଜ ପଦାର୍ଥ ମହଜୁଦ ଅଛି ତାହା ସନ୍ଧାନ କରାଯାଇଛି କି, ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଲୋକ ସଂଖ୍ୟା ତୁଳନାରେ ପୋଲିସ ପଦବୀ ବୃଦ୍ଧି

***616 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜାତୀୟ ସ୍ତରର ନିଷ୍ପତ୍ତି ଅନୁସାରେ ପ୍ରତ୍ୟେକ ଏକଲକ୍ଷ ଲୋକ/ନାଗରିକଙ୍କ ପାଇଁ କେତେ ପୋଲିସ ଅଫିସର କର୍ମଚାରୀ ରହିବେ; ସେହି ପରିପ୍ରେକ୍ଷୀରେ ଓଡ଼ିଶାରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ କେତେ ପୋଲିସ ରହିବେ ବୋଲି ସ୍ଥିର ହୋଇଛି; ଏବେ କେତେ ଅଛନ୍ତି; (ଖ) ଶେଷଥର ପାଇଁ ରାଜ୍ୟରେ କେବେ ପୋଲିସ ଅଫିସର/କର୍ମଚାରୀ ପଦବୀ ବୃଦ୍ଧି ହୋଇଥିଲା; ତଦନୁଯାୟୀ ମଞ୍ଜୁରୀ ପ୍ରାପ୍ତ ପୋଲିସ ଅଫିସର କର୍ମଚାରୀ ପଦବୀ ସଂଖ୍ୟା କେତେ; ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ପୋଲିସ ଅଫିସର ଓ କର୍ମଚାରୀ ପଦବୀ ବୃଦ୍ଧି କରିବେ କି ?

----

## ଋଣ ବାବଦକୁ ସୁଧ

***617 ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦ ବର୍ଷ ଭିତରେ କେତେ ଟଙ୍କା ଋଣ କରାଯାଇଛି, ତାହାର ସୁଧ କେତେ ଟଙ୍କା ବର୍ଷକୁ ଦିଆଯାଉଛି, ଆଗାମି ଦିନରେ ଖୋଲାବଜାରରୁ କେତେ ଟଙ୍କା ଋଣ କରିବାର ଅଛି, ମୁଣ୍ଡପିଛା ଋଣ ହାର କେତେ ?

----

## ନୂତନ ପ୍ରକଳ୍ପ ନିର୍ମାଣ

***618 ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (୨୦୧୭-୧୮, ୨୦୧୮-୧୯, ୨୦୧୯– ୨୦, ୨୦ ୨୦-୨୧ ଓ ୨୦ ୨୧-୨ ୨) ଆର୍ଥିକ ବର୍ଷରେ କେଉଁ କେଉଁ ଯୋଜନା ପ୍ରକଳ୍ପ ଓ କାର୍ଯ୍ୟ ବାବଦକୁ କେନ୍ଦ୍ର ସରକାର ଠାରୁ କେତେ ଟଙ୍କା ଓ ରାଜ୍ୟ ସରକାର କେତେ ଟଙ୍କା ଅନ୍ୟ କେଉଁ ସୂତ୍ରରୁ କେତେ ଟଙ୍କା ଲେଖାଏଁ ପୂର୍ତ୍ତ ବିଭାଗ ପାଇଛି ; ସଂପୃକ୍ତ ଅର୍ଥରୁ ମରାମତି, ରକ୍ଷଣାବେକ୍ଷଣ ବାବଦରେ କେତେ ନୂତନ ପ୍ରକଳ୍ପ ନିର୍ମାଣ ତଥା କେଉଁ ବାବଦରେ କେତେ ଟଙ୍କା ବ୍ୟୟ କରିଛି ଓ କେତେ ଟଙ୍କା ବଳକା ରହିଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## Required Staff in New PHC, CHC, of Gopalpur Assembly Constituency

*619 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are standard Sanction position of all required staff in new PHC, CHC, how vacancy in all hospital of Gopalpur Assembly Constituency in Ayurveda and Homeopathy hospital in Ganjam and Gopalpur, whether government will consider to change rule for establishment of area hospital at Gopalpur for improvement of health and health tourism and health economy state, what is present health waste production all hospital in each district and its management system, will minister consider green technology in this sector for healthy life ?

----

## Rare Earth ର ଉପଯୋଗ

*620 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ଗୋପାଳପୁର ତଥା ସମୁଦ୍ର ବେଳା ଭୂମିରେ କେତେ ପରିମାଣର Rare Earth ଅଛି ଓ ତାର କିଭଳି ଭାବରେ ଉପଯୋଗ କରାଯାଉଛି ?

----

## ନକ୍ସଲଙ୍କ ଥଇଥାନ ବାବଦରେ ବ୍ୟୟ

*621 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସଶସ୍ତ୍ର ହିଂସାରେ ଲିପ୍ତ ମୋଟ କେତେଜଣ ନକ୍ସଲ ଗତ 10 ବର୍ଷରେ ଆତ୍ମ ସମର୍ପଣ କରି ସାମାଜିକ ମୁଖ୍ୟସ୍ରୋତକୁ ଫେରିଛନ୍ତି ଓ ସେମାନଙ୍କ ଥଇଥାନ ବାବଦରେ କେତେ ଟଙ୍କା ବ୍ୟୟ କରାଯାଇଛି, ଏହି ସମୟ ମଧ୍ୟରେ ନକ୍ସଲ ମୁକାବିଲାରେ ନିରାପତ୍ତା ସଂକ୍ରାନ୍ତ ବ୍ୟୟ (SRE) ର ମୋଟ ପରିମାଣ କେତେ ଓ ସେଥିରୁ କେନ୍ଦ୍ରୀୟ ଯବାନଙ୍କ ଭତ୍ତା, ଅନ୍ୟାନ୍ୟ ଦେୟ ବାବଦରେ ରାଜ୍ୟ ରାଜକୋଷରୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ?

----

## ରାଜ୍ୟରେ ଖାଲିଥିବା Junior Engineer ପଦବୀ

*622 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି J.E. (Junior Engineer) A.E. ପଦବୀ ରହିବା କଥା କେତୋଟି ଖାଲିଅଛି, ତାର ଜିଲ୍ଲାୱାରୀ ଏକ ତାଲିକା ଦେବେ କି ?

----

## Ayush ଡାକ୍ତରଙ୍କ ଚାକିରୀ ସ୍ଥାୟୀକରଣ

*623 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- NHM ଅଧିନରେ ଥିବା AYUSH ଡାକ୍ତର ମାନଙ୍କର ଦିର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ CHC/ PHC ରେ ନିରବଛିନ୍ନ ସେବା ଦେବା ସତ୍ତ୍ୱେ ସରକାର ତାଙ୍କର ଚାକିରୀ ସ୍ଥାୟୀକରଣ ପାଇଁ ପଦକ୍ଷେପ ନ ନେବାର କାରଣ କଣ ?

----

## Supply of Coal

*624 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the plan of the Govt. for ensuring for supply of Coal to local Industries at affordable price in view of scarcity of Coal created by Govt. of India by diverting Coal to power plants ?

----

## ଡି.ଏସ୍.ପି ମାନଙ୍କୁ ଆଡିସନାଲ୍ ଏସ୍.ପି. ପାହ୍ୟାକୁ ପଦୋନ୍ନତି

*625 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ମୋଟ କେତେଗୋଟି OPS ଆଡିସନାଲ ଏସ୍.ପି. ପଦ ଖାଲିଅଛି ଏବଂ ସରକାର ଏହାକୁ ପୂରଣ ନିମନ୍ତେ କି କି ପଦକ୍ଷେପ ନେଉଛନ୍ତି ; (ଖ) ବର୍ତ୍ତମାନ ମୋଟ କେତେ ଗୋଟି OPS ଅଧିକାରୀ ଏସ୍.ପି. ଭାବରେ କେଉଁ କେଉଁ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି ଏବଂ OPS ଡି.ଏସ୍.ପି. ଅଧିକାରୀ ବା ଅଫିସରମାନଙ୍କୁ ଆଡିସନାଲ୍ ଏସ୍.ପି. ପଦକୁ ପଦୋନ୍ନତି କରିବା ପାଇଁ ବିଚାର କରୁଛନ୍ତି କି ଏବଂ କେଉଁ ସମୟ ସୀମା ମଧ୍ୟରେ ସମସ୍ତ OPS ଡି.ଏସ୍.ପି.ମାନଙ୍କୁ ଆଡିସନାଲ୍ ଏସ୍.ପି. ପାହ୍ୟାକୁ ପଦୋନ୍ନତି କରିବେ?

----

## Restructuring of Engineering cadre in Works Department

*626 **ଶ୍ରୀ ସୁକାନ୍ତ କୁମାର ନାୟକ (ନିଳଗିରି ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That regarding Restructuring of Engineering cadre in Works Department for engagement in Works and Rural Works Department why cabinet decision and policy decision have not yet been implemented, does it not hamper the pace of public works, specify in details ?

----

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ Traumacare Centre ପ୍ରତିଷ୍ଠା

***627** **ଶ୍ରୀମତୀ ମୀନାକ୍ଷୀ ମହାନ୍ତ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ଏକ Traumacare Centre ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଜିନ୍ଦଲ ଷ୍ଟୀଲ୍ କାରଖାନା ପ୍ରତିଷ୍ଠା

***628** **ଶ୍ରୀ କେ ନାରାୟଣ ରାଓ (ପାରଳାଖେମୁଣ୍ଡି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପାରାଦ୍ୱୀପ (ଗଡ଼ କୁଜଙ୍ଗ ଅଞ୍ଚଳ)ଠାରେ ଜିନ୍ଦଲ ଷ୍ଟୀଲ କାରଖାନା ପ୍ରତିଷ୍ଠାନେଇ ରାଜ୍ୟ ସରକାର କେବେ ଶିଳ୍ପପତିଙ୍କ ସହ ଏମ୍.ଓ.ୟୁ. କରିଛନ୍ତି; କାରଖାନାର ମୋଟ ଆକଳନ କେତେ ଟଙ୍କା କାର୍ଯ୍ୟ କେବେ ଆରମ୍ଭ ହେବ କମ୍ପାନୀ ସମ୍ପୂର୍ଣ୍ଣ କେବେ ହେବ; (ଖ) କମ୍ପାନୀ ଦଖଲରେ କେତେ ଜମି ଅଛି, ଇସ୍ପାତ ସହ ସିମେଣ୍ଟ କାରଖାନା ଓ ବିଦ୍ୟୁତ୍ ଉତ୍ପାଦନର ଯୋଜନା ଅଛି କି; ତେବେ ସିମେଣ୍ଟ ଉତ୍ପାଦନର ପରିମାଣ ଓ ବିଦ୍ୟୁତର ମେଗାୱାଟ୍ ପରିମାଣ ଜଣାଇବେ କି ?

----

## ପୋଲିସ ଫାଣ୍ଡିକୁ ଥାନାରେ ପରିଣତ

***629** **ଶ୍ରୀ ମହିଧର ରଣା (କନ୍ଧମାଳ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବୌଦ୍ଧ ଜିଲ୍ଲାର କେଉଁ ପୋଲିସ ଫାଣ୍ଡିକୁ ଥାନାରେ ପରିଣତ ପାଇଁ ପ୍ରସ୍ତାବ ଅଛି, ଓ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## MLA Colonyର D/S Quarters ମରାମତି

***630** **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୁବନେଶ୍ୱର MLA Colonyରେ MLA ମାନେ ରହୁଥିବା D/S Quarter ଗୁଡ଼ିକର ମରାମତି ପାଇଁ ୨୦୧୯ ମସିହାରୁ ଆଜିପର୍ଯ୍ୟନ୍ତ କେଉଁ କେଉଁ Quarter ପାଇଁ କେତେ ଟଙ୍କା କେଉଁ ତାରିଖରେ ସରକାର Sanction କରିଛନ୍ତି; ଉକ୍ତ ପଇସାରେ କେଉଁ କେଉଁ କାମ କେତେ ଅର୍ଥ ବ୍ୟୟରେ କେଉଁ କେଉଁ Contractor ମାନଙ୍କଦ୍ୱାରା କେଉଁ କେଉଁ ତାରିଖରେ ହୋଇଛି; ଚଳିତ ବର୍ଷ MLA ମାନଙ୍କର Quarter ମରାମତି ପାଇଁ କେତେ ଟଙ୍କା ସରକାର ମଞ୍ଜୁର କରିଛନ୍ତି; ଚଳିତ ବର୍ଷ କେଉଁ କେଉଁ MLAମାନେ ସେମାନଙ୍କର Quarter କାମରେ ଦୁର୍ନୀତି ହୋଇଥିବା କଥା Works Department Secretaryଙ୍କୁ Division-IV under ରେ ଥିବା Sub-Division-IVର ଚାକିରିରୁ ଅବସର ପରେ ପୁନର୍ବାର OSD (Contractual) ଚାକିରି କରୁଥିବା କେଉଁ କେଉଁ କ୍ରମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି; ଏହା ଉପରେ ସରାକର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----